# ଇ -ସମାଜ

# ତାରିଖ: ୦୧.୦୮.୨୦୨୫

## ବିଆଇଆଇଟିଏମ ପ୍ଲେସମେଣ୍ଟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ଚନ୍ଦ୍ରଶେଖରପୁର, ୩୧।୭(ନି.ପ୍ର): ବିଆଇଆଇଟିଏମ ପ୍ଲେସମେଣ୍ଟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଫେସର ମିହିର ରଞ୍ଜନ ନାୟକ, ପ୍ରଫେସର ଚିନ୍ମୟ କୁମାର ଦାଶ, ପ୍ରଫେସର କେ. ଚନ୍ଦ୍ରଶେଖର ଅଭିଭାଷଣ ଦେଇଥିଲେ । ପରେ ବିଆଇଆଇଟିଏମ୍ ଆଲୁମିନି ଆସୋସିଏସନର ସଭାପତି ଅଙ୍କୁଶ କୁମାର ପାଣିଙ୍କ ସମେତ ପୂର୍ବତନ ଛାତ୍ରମାନେ ନିଜର ଅନୁଭୂତି ବଖାଣିଥିଲେ । ଦ୍ୱିତୀୟାର୍ଦ୍ଧରେ କ୍ୟାମ୍ପସ୍ ଅଧିବେଶନରେ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଆୟୋଜନ କରାଯାଇଥିଲା । ଆରଏମ୍ ସନ୍ଦୀପ ରଥ ଏବଂ ମୁଖ୍ୟ ସିଏ ତପନ କୁମାର ମହାନ୍ତି ଏ ସମ୍ପର୍କରେ ଆଲୋକପାତ କରିଥିଲେ । ଦ୍ୱିତୀୟ ଦିବସରେ ପ୍ରଫେସର ରୂପାମ୍ବିକା ପଟ୍ଟନାୟକ, ଡ. ଅଙ୍କିତା ଅଗ୍ରୱାଲ, ପ୍ରଫେସର ସ୍ମରଣିକା ଦାଶଙ୍କ ଦ୍ୱାରା ଫ୍ୟାକଲ୍ଟି ସେସନ୍ ହୋଇଥିଲା । କର୍ପୋରେଟ୍ ସେସନରେ ରିପ୍ସିନା ରଥ, ଶଶାଙ୍କ କୁମାର ପ୍ରି ପ୍ଲେସମେଣ୍ଟ ତାଲିମ ଉପରେ ଗୁରୁତ୍ୱ ଦେଇଥିଲେ ।